# ମୋ ଗାଁ ମୋର ଗୌରବ





ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# ଉନ୍ନତ ମାନର କାର୍ପ ଯାଆଁଳ ଉତ୍ପାଦନ

ଆମ ଦେଶରେ ରୋହି, ଭାକୁର, ମିରିକାଳି, କଳାବଇଂଶୀ, ଗ୍ରାସ୍‌କାର୍ପ, ସିଲଭର କାର୍ପ ଇତ୍ୟାଦି ବହୁଳ ଭାବରେ ଚାଷ କରାଯାଏ । ୧୯୫୭ ମସିହାରେ ଏହି କାର୍ପ ଜାତୀୟ ମାଛର ପ୍ରଭାବିତ ପ୍ରଜନନ କଟକର କିଲ୍ଲା ଫାର୍ମରେ ସଫଳ ହୋଇପାରିଥିଲା । ଏହାପରେ କାର୍ପ ଜାଆଁଳ ଉତ୍ପାଦନ ହ୍ୟାଚେରୀ ମଧ୍ୟରେ ସମ୍ଭବ ହେଲା । ବର୍ତ୍ତମାନ ଭାରତବର୍ଷର ୯୫% ରୁ ଅଧିକ କାର୍ପ ଜାଆଁଳ ଉତ୍ପାଦନ ପ୍ରଭାବିତ ପ୍ରଜନନ ଦ୍ୱାରା ହ୍ୟାଚେରୀ ରେ ଉତ୍ପାଦିତ ହେଉଛି କିନ୍ତୁ ବର୍ତ୍ତମାନ ଦେଖାଦେଇଛି ଯେ ଜାଆଁଳର ମାନ ହ୍ରାସ ପାଇଛି ଓ ୨୦-୩୦% ପର୍ଯ୍ୟନ୍ତ କ୍ଷତି ନିମ୍ନମାନର ଜାଆଁଳ ଯୋଗୁଁ ଘଟୁଛି । ତେଣୁ ଉନ୍ନତ ମାନର କାର୍ପ ଜାଆଁଳ ଉତ୍ପାଦନ ପାଇଁ କେତୋଟି ପ୍ରମୁଖ କଥା ଉପରେ ଲକ୍ଷ୍ୟ ରଖାଯିବା ଉଚିତ୍ ।

**ପୋଖତା ମାଛର ଯତ୍ନ:**

ଉନ୍ନତ ମାନର ଜାଆଁଳ ପାଇଁ ଉଚ୍ଚକୋଟିର (ସ୍ୱାସ୍ଥ୍ୟବାନ୍ ଦୁଇ ବର୍ଷରୁ ଉର୍ଦ୍ଧ୍ୱ) କାର୍ପ ପୋଖତା ମାଛ (ମାଈ ଓ ଅଣ୍ଡିରା ମାଛ) ର ଆବଶ୍ୟକତା ରହିଛି । ଜାଆଁଳ ଉତ୍ପାଦନ ପାଇଁ ପୋଖତା ମାଛର ବର୍ଷସାରା ଯତ୍ନ ନେବା ଆବଶ୍ୟକ ।

**ପୋଖତା ମାଛ ପାଳନ ପାଇଁ ଆବଶ୍ୟକତା:**

ପ୍ରଜନନକ୍ଷମ ମାଛର ଓଜନ: ଭାରତୀୟ ମୁଖ୍ୟ କାର୍ପ-୧.୫-୪.୦ କି.ଗ୍ରା, ଚାଇନିଜ୍ କାର୍ପ- ୨.୫-୫.୦ କି.ଗ୍ରା ପୋଖରୀ ଆକାର-୦.୨ ରୁ ୦.୫ ହେକ୍ଟର, ଗଭୀରତା-ବର୍ଷସାରା ୧.୨ ରୁ ୧.୫ ମିଟର ।

**ପୋଖରୀରେ ପୋଖତା ମାଛ ପରିମାଣ ଓ ପ୍ରସ୍ତୁତି:**

୧୫୦୦-୨୦୦୦ କି.ଗ୍ରା/ହେକ୍ଟର ମାଛ ଛାଡିବା ପୂର୍ବରୁ ପୋଖରୀରେ ହେକ୍ଟର ପିଛା ୩-୫ ଟନ୍ ସବୁଜ ଖତ କିମ୍ବା ୫-୮ ଟନ୍ ଗୋବର ୧୦୦-୨୫୦ କି.ଗ୍ରା ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୭୫-୧୦୦ କି.ଗ୍ରା. ୟୁରିଆକୁ ମିଶାଯାଇ ପୋଖରୀର ଚାରିଆଡେ ସମାନ ଭାବରେ ପକାଯାଏ । ମନେ ରଖିବା ଦରକାର ଯେ ଏହି ସାର ଓ ଖତକୁ ଚାରିଭାଗ କରାଯାଇ ଏକ ଚତୁର୍ଥାଂଶ ପ୍ରଥମେ ପ୍ରୟୋଗ କରାଯାଏ ।

**ପୋଖତା ମାଛ ପାଇଁ ପାଣିର ମାନ:**

ଦ୍ରବିଭୁତ ଅମ୍ଳଜାନ- ୩-୮ ମିଲିଗ୍ରାମ୍/ଲିଟର, ସାମଗ୍ରିକ କ୍ଷାରତା (Total alkanity)- ୮୦-୧୫୦ ମିଲିଗ୍ରାମ୍/ଲିଟର, ପାଣିର ପି.ଏଚ୍- ୭.୫-୮.୫, ପ୍ଲାବକ ବା ପ୍ଲାଙ୍କଟନର ସଂାନ୍ଦ୍ରତା-ଅତି କମ୍‌ରେ ୨ ମିଲିଲି/୫୦ ଲିଟର ପାଣିରେ

**ଚୂନର ଆବଶ୍ୟକତା ଓ ପ୍ରୟୋଗ:**

ସାଧାରଣତଃ ପୋଖତା ମାଛ ପାଇଁ ପାଣିର ପି.ଏଚ୍ ୭.୫ ରୁ ୮.୫ ହେବା ଉଚିତ୍ ଓ କ୍ଷାରତା ୮୦-୧୫୦ ପି.ପି.ଏମ୍ ରହିବା ଦରକାର କିନ୍ତୁ ପି.ଏଚ୍ ୭ରୁ କମ୍ କ୍ଷାରତା ୮୦ ମିଲିଗ୍ରାମରୁ କମ୍‌ଥିଲେ ହେକ୍ଟର ପିଛା ୨୦୦ କି.ଗ୍ରା ଚୂନ ପ୍ରୟୋଗ କରାଯାଏ । ପଥର ଚୂନ କୁ ପ୍ରଥମେ ଆଲୁମିନିୟମ୍ କିମ୍ବା ମାଟି ହାଣ୍ଡିରେ ରନ୍ଧା ଯାଇ ପୋଖରୀ ରୁ ଚାରିଆଡେ ସମପରିମାଣରେ ସିଞ୍ଚନ କରାଯାଇଥାଏ ।

**ପୋଖତା ମାଛ ସଂଗ୍ରହ:**

ପୋଖତା ମାଛ ଚାଷ ଓ ଉନ୍ନତ ମାନର ଯାଆଁଳ ଉତ୍ପାଦନ ପାଇଁ ପ୍ରଥମ ଆବଶ୍ୟକତା ହେଲା ନିରୋଗୀ ବା ସୁସ୍ଥ ମାଛ ସଂଗ୍ରହ କରିବା । ଏଥିାଇଁ ଯେଉଁଠାରୁ ପୋଖତା ମାଛ ତିଆରି ପାଇଁ ଜାଆଁଳ (ଅଙ୍ଗୁଳିକା) ସଂଗ୍ରହ କରିବା ସେହି ହ୍ୟାଚେରୀ ବା ଫାର୍ମର ତଥ୍ୟ ସଂଗ୍ରହ ଯଥା: ପୋଖତା ମାଛ କେଉଁଠାରୁ ଆଣି ଲାଳନ ପାଳନ କରାଯାଇଛି, ମାଛର ବୟସ, ଫାର୍ମ ମାଛ କିମ୍ବା ନଦୀ ବା ହ୍ରଦରୁ ସଂଗୃହିତ ପୋଖତା ମାଛର ପିତାମାତାଙ୍କ ବୟସ ଓ ଓଜନ ଇତ୍ୟାଦି ।

**ପୋଖତା ମାଛ ପରିବହନ :**

- ଫାର୍ମ ପୋଖରୀରୁ ହ୍ୟାଚେରୀ କୁ ପ୍ରଜନନକ୍ଷମ ମାଇ ଓ ଅଣ୍ଡିରା ମାଛ ପରିବହନ କରିବା ପାଇଁ କାନଭାସ୍‌ରେ ତିଆରି ବ୍ୟାଗ ବ୍ୟବହାର କରାଯିବା ଉଚିତ୍ । ଏହି ବ୍ୟାଗ୍‌କୁ ମାଛ ଷ୍ଟ୍ରେଚର ବା ହ୍ୟାମ୍‌କ୍ କୁହାଯାଏ ।
- ଦୂର ଦୂରାନ୍ତ ବା ବହୁତ ବାଟ ପର୍ଯ୍ୟନ୍ତ ପୋଖତା ମାଛ ପରିବହନ ପାଇଁ ଥଣ୍ଡା ପାଗ ତଥା ସକାଳ ବା ସଂଧ୍ୟା ସମୟ ଉପଯୁକ୍ତ ।
- ଦୂରଯାଗାକୁ ପୋଖତା ମାଛ ପରିବହନ ପାଇଁ ନିଶ୍ଚେତକ ଗଝ ୨ ୨ ୨ କିମ୍ବା ୨-ଫିନକ୍ସି ଇଥାନଲ (ହାରାହାରି ୨%) ବ୍ୟବହାର କଲେ ମାଛମାନେ ପରିବହନ ଚାପରୁ ରକ୍ଷା ପାଇଥାନ୍ତି ଓ ଖଣ୍ଡିଆ-ଖାବରାରୁ ମୁକ୍ତ ରହନ୍ତି । ମନେ ରଖିବା କଥା ଯେ ଦୂର ଯାଗାକୁ ପରିବହନ ସମୟରେ ପାଣିରେ ଅମ୍ଳଜାନ ବଢାଇବାକୁ ଏଇରେଟର୍ କିମ୍ବା ଅମ୍ଳଜାନ ସିଲିଣ୍ଡର ବ୍ୟବହାର କରିବା ଜରୁରୀ ଅଟେ ।

**ପୋଖତା ମାଛର ଗୁଣବତ୍ତାର ପଞ୍ଜିକରଣ:**

ପୋଖତା ମାଛର ଗୁଣମାନ ବଜାୟ ରଖିବା ପାଇଁ ହ୍ୟାଚେରୀରେ ବିଭିନ୍ନ ପ୍ରକାରର ରେକର୍ଡ ବ୍ୟବହାର ନିତାନ୍ତ ଜରୁରୀ । ଏହି ରେକର୍ଡ ପୁସ୍ତିକା ଗୁଡିକ ହେଲା ପୋଖତା ମାଛ ପୁସ୍ତିକା, ପ୍ରଭାବିତ ପ୍ରଜନନ ଓ ଜାଆଁଳ ଉତ୍ପାଦନ ପୁସ୍ତିକା, ଖାଦ୍ୟ ପ୍ରୟୋଗ ପୁସ୍ତିକା ଇତ୍ୟାଦି । ପୋଖତା ମାଛ ପୁସ୍ତିକା ରେ ମାଛର ବୟସ, କେଉଁଠୁ ଆମଦାନୀ ହୋଇଛି, କେବେ ପରିପକ୍ୱ ହୁଏ ଇତ୍ୟାଦି ଲେଖି ରଖିବା ଜରୁରୀ ।

**ପୋଖତା ମାଛର ପୋଖରୀରେ ପାଣିର ବ୍ୟବହାର:**

ପୋଖତା ମାଛ ଗାଡିଆରେ ମାଛକୁ ଅଧିକ ଓ ଜଲ୍‌ଦି ପରିପକ୍ୱ କରିବାକୁ ହେଲେ ୧୫-୨୦ ଦିନ ବ୍ୟବଧାନରେ ନୂଆ ପାଣି ପୂରାଇବା ଆବଶ୍ୟକ । ଏହାଛଡା ପାଣିର ଦ୍ରବିଭୂତ ଅମ୍ଳଜାନର ପରିମାଣ ବଢାଇବା ପାଇଁ ଏଇରେଟର ବା ପାଣି ପମ୍ପ ବ୍ୟବହାର କରିବା ନିତାନ୍ତ ଜରୁରୀ ।

**ପୋଖତା ମାଛର ଖାଦ୍ୟ:**

କାର୍ପ ଜାତୀୟ ମାଛକୁ ପ୍ରଜନନକ୍ଷମ କରାଇବାକୁ ହେଲେ ସୁଷମ ଖାଦ୍ୟର ଆବଶ୍ୟକତା ରହିଛି । ପ୍ରାକୃତିକ ଖାଦ୍ୟ ସହିତ ପୂରକ ଖାଦ୍ୟ ବ୍ୟବହାର କରାଯିବା ପାଇଁ ବାଦାମ ପିଡିଆ (୪୮%), ସୋୟାବିନ୍ ପିଡିଆ (୪୦%), ଧାନ କଣ୍ଡା (୫%), ମାଛ ପିଡିଆ (୫%), କ୍ୟାଲସସିଅମ୍ ଡାଇବେସିକ ଫସଫେଟ୍ (୧.୫%), ଖାଇବା ଲୁଣ (୦.୩%), ଭିଟାମିନ ମିକ୍ସଚର (୦.୧%) ମିଳାଇ ଏକ ପୂରକ ଖାଦ୍ୟ ଦେଲେ ଭଲ ଫଳ ମିଳିଥାଏ । ବର୍ତ୍ତମାନ ସିଫା ବାହାର କରଥିବା ସିଫାବ୍ରୁଡ୍ (ଊଓଋଇଈଜଙଙଊ) ଖାଦ୍ୟ ୩୧% ପ୍ରୋଟିନ୍‌ଯୁକ୍ତ ଓ ଏହା ପୋଖତା ମାଛର ପରିପକ୍ୱତା ଆଣିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ ।

**ଉନ୍ନତମାନର ଯାଆଁଳ ପାଇଁ ହ୍ୟାଚେରୀ ପରିଚାଳନା:**

- ମାଇ ଓ ଅଣ୍ଡିରା ମାଛ ସମପରିମାଣର ହେବା ଉଚିତ୍ (୧:୧) ।
- ଇନ୍‌ଟ୍ରାପେରିଟୋନିଆଲ୍ (ପାକସ୍ଥଳି ଓ ବାହାର ମାଂସ ଆବରଣ ମଧ୍ୟର ସ୍ଥାନ) ହରମୋନ ଇଂଞ୍ଜେକସନ୍ ଦେବା ଉଚିତ୍ ।
- ହରମୋନ ଦେବା ପୂର୍ବରୁ ଓ ପରେ ମାଛକୁ ଉପଯୁକ୍ତ ପରିମାଣର ଅମ୍ଳଯାନ ପାଇଁ ପାଣି ଝରାରେ ରଖିବା ଉଚିତ୍ ।
- ଗୋଟିଏ ପୋଖତା ମାଛକୁ ୩ ବର୍ଷ ପର୍ଯ୍ୟନ୍ତ ପ୍ରଜନନ ପାଇଁ ବ୍ୟବହାର କରାଯାଏ ଓ ତା'ପରେ ନୂଆ ମାଛ (୨+ ବର୍ଷ) ବ୍ୟବହାର କରିବା ଜରୁରୀ ।
- ହ୍ୟାଚେରୀକୁ ନୂଆ ପୋଖତା ମାଛ ଆମଦାନୀ କଲାବେଳେ ଧ୍ୟାନ ଦେବା ଦରକାର ଯେ ଯେଉଁଠାରୁ ଆମଦାନୀ କରାଯାଉଛି ତାହା ସହିତ କୌଣସି ଜାଆଁଳ/ମାଛର ଆଦାନ ପ୍ରଦାନ ଯେପରି ନିକଟ ଭବିଷ୍ୟତରେ (୫-୧୦ ବର୍ଷ ମଧ୍ୟରେ) ନ ହୋଇଛି ।
- ହିମିକୃତ ଶୁକ୍ରାଣୁର ବ୍ୟବହାର ମଧ୍ୟ ଜାଆଁଳର ମାନ ବଢାଇଥାଏ । ଏହାର ସୁବିଧା ନଥିଲେ ସ୍ୱଳ୍ପ ସମୟ (୧୦-୧୨ ଘଣ୍ଟା) ପର୍ଯ୍ୟନ୍ତ ରହୁଥିବା ଶୁକ୍ରାଣୁ ବ୍ୟବହାର କରିବା ଉଚିତ୍ ।
- କୌଣସି ପରିସ୍ଥିତିରେ ମିଶ୍ରିତ ପ୍ରଜନନ (ରୋହି, ଭାକୁର, ମିରିକାଳି କିମ୍ବା ସିଲଭର କାର୍ପ ଓ ବିଗ୍‌ହେଡ୍ କାର୍ପ) କରି ହାଇବ୍ରିଡ୍ ଯାଆଁଳ ଉତ୍ପାଦନରୁ ନିବୃତ ରୁହନ୍ତୁ ।
- ପ୍ରଜନନକ୍ଷମ ମାଇ ଓ ଅଣ୍ଡିରା ମାଛର ବୟସ ଭିନ୍ନ ହେଲେ (ଯଥା ମାଆ ମାଛର ବୟସ ୨ ବର୍ଷ ଓ ପିତାର ୩ ବର୍ଷ) ଉନ୍ନତ ଜାଆଁଳ ମିଳିଥାଏ ।
- ପୋଖତା ମାଛ ତିଆରି କଲାବେଳେ ଭିନ୍ନ ଭିନ୍ନ ଦିନରେ ଉତ୍ପାଦିତ ଜାଆଁଳକୁ ପାଳନ କଲେ ଓ ତାହାକୁ ପ୍ରଭାବିତ ପ୍ରଜନନରେ ବ୍ୟବହାର କଲେ ଉଚ୍ଚମାନର ଜାଆଁଳ ମିଳିଥାଏ ।
- ହରମୋନ୍ ଇଂଜେକସନ୍ ଦେବାର ୫ ଘଣ୍ଟା ପରେ କୁଣ୍ଡରେ ପାଣି ସ୍ରୋତକୁ ଚଲାନ୍ତୁ ଏବଂ ପାଣିର ଅପଚୟ ରୋକନ୍ତୁ ।
- ପୋଖତା ମାଛ ପାଇଁ ଉନ୍ନତମାନର ପୋଖତା ମାଛ ଜାଆଁଳ କୌଶଲ୍ୟାଗଙ୍ଗ ସ୍ଥିତ ପୋଖତା ମାଛ କେନ୍ଦ୍ରରୁ ସଂଗ୍ରହ କରନ୍ତୁ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ

ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨

ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭

ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି

**ଡ. ପଦ୍ମନାଭ ରାଉତରାୟ,** ପ୍ରଧାନ ବୈଜ୍ଞାନିକ

**ଡ. ଡି.କେ ବର୍ମା,** ବରିଷ୍ଠ ବୈଷୟିକ ଅଧିକାରୀ

ପ୍ରକାଶକ

**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ